# NATIONAL NEWS BULLETIN (ODIA)

## 16th July - 2025

## Evening Bulletin : 7.15 p.m.

***********************************

ଆକାଶବାଣୀ.....  ସମ୍ବାଦ ପଢୁଛନ୍ତି.....  **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।

- ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି ।

— ୨୦୩୨ ମସିହା ସୁଦ୍ଧା ୬୦ ଗିଗାୱାଟ୍ ନବୀକରଣୀୟ ଶକ୍ତି କ୍ଷମତା ହାସଲ ଲକ୍ଷ୍ୟ ।

- ବର୍ଷା ଓ ବନ୍ୟା ଯୋଗୁ ପାକିସ୍ତାନରେ ୧୧୬ ମୃତ ।

ଏବଂ

- ଭାରତ-ଇଂଲଣ୍ଡ ମଧ୍ୟରେ ମହିଳା ଆନ୍ତର୍ଜାତିକ ଏକଦିବସୀୟ ତିନିଟିକିଆ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜାରି ।

— ଟସ୍ ଜିତି ଇଂଲଣ୍ଡର ବ୍ୟାଟିଂ ।

## ସ୍ୱଚ୍ଛ ସର୍ବେକ୍ଷଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଆସନ୍ତାକାଲି ହେବାକୁ ଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାର ପ୍ରଦାନ ସମାରୋହରେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ–ସହରାଞ୍ଚଳକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସ୍ୱଚ୍ଛ ସହରଗୁଡ଼ିକୁ ସମ୍ମାନିତ କରାଯିବ। ଚାରୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ସେଗୁଡ଼ିକ ମଧ୍ୟରେ ସୁପର ସ୍ୱଚ୍ଛ ଲିଗ୍ ସହର ଏବଂ ଜନସଂଖ୍ୟା ଆଧାରରେ ତିନୋଟି ଶୀର୍ଷ ସ୍ୱଚ୍ଛ ସହରକୁ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ମୋଟ୍ ୭୮ଟି ପୁରସ୍କାର ପ୍ରଦାନ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସହରାଞ୍ଚଳ ପରିମଳ ଏବଂ ସେବା ପ୍ରଦାନ ମୂଲ୍ୟାଙ୍କନ ପାଇଁ ଏକ ସ୍ମାର୍ଟ ପଦ୍ଧତି ଗ୍ରହଣ କରାଯାଇଛି ବୋଲି ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ କହିଛି।

## କ୍ୟାବିନେଟ୍ - କୃଷି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ କୃଷି ଉତ୍ପାଦକତା ବୃଦ୍ଧି ଲକ୍ଷ୍ୟ ନେଇ 'ପ୍ରଧାନମନ୍ତ୍ରୀ ଧନ-

ଧାନ୍ୟ କୃଷି ଯୋଜନା'କୁ ମଞ୍ଜୁରି ପ୍ରଦାନ କରାଯାଇଛି । ଏହି ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷଠାରୁ ୬ ବର୍ଷର ଅବଧି ଲାଗି କାର୍ଯ୍ୟକାରୀ କରାଯିବ । ଏଥିରେ ଦେଶର ଶହେଟି ଜିଲ୍ଲାକୁ ସାମିଲ୍ କରାଯିବ । ଏହି ଯୋଜନାର ଲକ୍ଷ୍ୟ ହେଉଛି, କୃଷି ଉତ୍ପାଦକତା ବୃଦ୍ଧି, ଫସଲ ବିବିଧତା ଓ ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀ ବୃଦ୍ଧି, ଶସ୍ୟ ଅମଳ ପରବର୍ତ୍ତୀ ସଂରକ୍ଷଣ, ଜଳସେଚନ ବ୍ୟବସ୍ଥାର ଉନ୍ନତି, ଋଣ ଉପଲବ୍ଧତାକୁ ବ୍ୟବସ୍ଥିତ କରିବା ।

ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ନିମ୍ନ ଉତ୍ପାଦକତା, କମ୍ ଫସଲ ସଘନତା ଏବଂ ସ୍ୱଳ୍ପ ଋଣ ବଣ୍ଟନ ଆଦି ତିନୋଟି ମୁଖ୍ୟ ସୂଚକ ଆଧାର ଉପରେ ତର୍ଜମା କରାଯାଇ ଏହି ଜିଲ୍ଲାଗୁଡ଼ିକୁ ଚିହ୍ନଟ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏହି ଯୋଜନା ୧୧ଟି ବିଭାଗ, ଅନ୍ୟାନ୍ୟ ରାଜ୍ୟ ଯୋଜନା ଏବଂ ସ୍ଥାନୀୟ ସହଭାଗିତାରେ ୩୬ଟି ପ୍ରଚଳିତ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ । ଏହି ଯୋଜନାଦ୍ୱାରା ଦେଶର ୭୦ ଲକ୍ଷ କୃଷକ ଉପକୃତ ହେବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## କ୍ୟାବିନେଟ - ଶୁଭାଂଶୁ ଶୁକ୍ଲା

ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ପୃଥିବୀକୁ ସଫଳ ପ୍ରତ୍ୟାବର୍ତ୍ତନର ପ୍ରଶଂସା କରି କେନ୍ଦ୍ର କ୍ୟାବିନେଟ୍‌ରେ ଆଜି ଏକ ପ୍ରସ୍ତାବ ଗୃହୀତ ହୋଇଛି । ଗତକାଲି ଶୁଭାଂଶୁ ଶୁକ୍ଲା ସୁରକ୍ଷିତ ଭାବେ ପୃଥିବୀ ପୃଷ୍ଠରେ ଅବତରଣ

କରିଥିଲେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଶ୍ରୀ ଶୁକ୍ଲାଙ୍କ ଏହି ସଫଳ ମହାକାଶ ଅଭିଯାନ ଭାରତକୁ ଅନ୍ତର୍ଜାଜାତୀୟ ମହାକାଶ କେନ୍ଦ୍ରର ନିକଟତର କରିପାରିଛି । କେନ୍ଦ୍ର କ୍ୟାବିନେଟ୍‌ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବଂ ବୈଜ୍ଞାନିକ ଓ ଇଞ୍ଜିନିୟର ସମୁଦାୟଙ୍କ ନିରନ୍ତର ପ୍ରୟାସକୁ ପ୍ରଶଂସା କରାଯିବା ସହ ସେମାନଙ୍କର ଉଦ୍ୟମ ଯୋଗୁଁ ଏହି ସଫଳତା ସମ୍ଭବପର ହୋଇପାରିଥିଲା ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishnav)*** :.........

## ସି.ସି.ଇ.ଏ. - ଏନ୍.ଏଲ୍.ସି. ଇଣ୍ଡିଆ

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ -ସି.ସି.ଇ.ଏ.' ଏନ୍.ଟି.ପି.ସି.କୁ ନବୀକରଣୀୟ ଶକ୍ତିରେ ୨୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରିବାକୁ ଅନୁମତି ଦେଇଛନ୍ତି । ମହାରତ୍ନ କେନ୍ଦ୍ରୀୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡ଼ିକୁ ପ୍ରଦତ୍ତ ଅଧିକାର ନିର୍ଦ୍ଦେଶାବଳୀରୁ ଏନ୍.ଟି.ପି.ସି.କୁ ଉନ୍ନତ ଅଧିକାର ପ୍ରଦାନ କରିଛି, ଯାହା ଏନ୍.ଟି.ପି.ସି.' ଗ୍ରୀନ୍ ଏନର୍ଜି ଲିମିଟେଡ୍ - ଏନ୍.ଜି.ଇ.ଏଲ୍. ଏବଂ ପରବର୍ତ୍ତୀ ସମୟରେ ଏନ୍.ଜି.ଇ.ଏଲ୍. ଏନ୍.ଟି.ପି.ସି. ନବୀକରଣୀୟ ଶକ୍ତି ଲିମିଟେଡ୍ ଏବଂ ଅନ୍ୟାନ୍ୟ ଯୌଥ

ଉଦ୍ୟୋଗଗୁଡ଼ିକରେ ନିବେଶ କରିବାପାଇଁ ଅନୁମୋଦନ କରିଛି । ଏହାପୂର୍ବରୁ ଅନୁମୋଦିତ ୭ ହଜାର ୫ ଶହ କୋଟି ଟଙ୍କାର ନିର୍ଦ୍ଦିଷ୍ଟ ସୀମାରୁ ୨୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୨୦୩୨ ମସିହା ପର୍ଯ୍ୟନ୍ତ ୬୦ ଗିଗାଓ୍ୱାଟ୍ ନବୀକରଣ ଶକ୍ତି କ୍ଷମତା ହାସଲ କରିବା ନେଇ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏନ୍.ଟି.ପି.ସି. ଏବଂ ଏନ୍.ଜି.ଇ.ଏଲ୍.କୁ ପ୍ରଦତ୍ତ ଉନ୍ନତ ଅଧିକାର ଦେଶରେ ନବୀକରଣୀୟ ପ୍ରକଳ୍ପଗୁଡ଼ିକର ତ୍ୱରିତ ବିକାଶକୁ ସହଜ କରିବ ।

***Voice (NTPC)*** :.........

## ଫାଇନାନ୍ସ - ଜନଧନ ଆକାଉଣ୍ଟ୍

ଗତ ଦୁଇ ସପ୍ତାହ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ୧ ଲକ୍ଷ ୪୦ ହଜାର ଜନଧନ ଆକାଉଣ୍ଟ ଖୋଲାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଚଳିତ ମାସ ପହିଲାରୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ମହତ୍ତ୍ୱାକାଂକ୍ଷୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଏକ ତିନିମାସିଆ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନ୍ସନ ଯୋଜନା ଆଦି ଅନେକ

ମହତ୍ତ୍ୱାକାଂକ୍ଷୀ ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ଅଭିଯାନ ଆରମ୍ଭ କରାଯାଇଛି । ଦେଶର ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ଏହିସବୁ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଲକ୍ଷ୍ୟ ରହିଛି । ଦେଶର ବିଭିନ୍ନ ଜିଲ୍ଲାରେ ୪୩ ହଜାରରୁ ଊର୍ଦ୍ଧ୍ୱ ଶିବିରର ଆୟୋଜନ କରାଯାଇ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ ବ୍ୟବସ୍ଥା କରାଯାଇଛି । ଏହି ଅଭିଯାନ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ଅଭିଯାନ ପ୍ରାୟ ୨ ଲକ୍ଷ ୭୦ ହଜାର ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳ ସ୍ୱୟତ୍ତ ଶାସନ ସଂସ୍ଥାରେ କାର୍ଯ୍ୟକାରୀ କରାଯାଇ ଆର୍ଥିକ ସଶକ୍ତୀକରଣ କରାଯାଇପାରିବ ।

## ଏମ୍.ଓ.ଏସ୍. ଭିଜିଟ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଆସନ୍ତା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଏଶ୍ୱତିନି, ଲେଜୋଥୋକୁ ଏବଂ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାକୁ ସରକାରୀ ଗସ୍ତରେ ଯିବେ । ମନ୍ତ୍ରୀ ଶ୍ରୀ ମାର୍ଗେରିଟା ଏଶ୍ୱତିନିର ରାଜା ସ୍ୱାତୀ-ତୃତୀୟ ଏବଂ ପ୍ରଧାନମନ୍ତ୍ରୀଙ୍କ ଭେଟି ସାକ୍ଷାତ୍ ଆଲୋଚନା କରିବେ । ସେଠାକାର ବୈଦେଶିକ ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଏବଂ ସମ୍ପର୍କର ଅଗ୍ରଗତି ନେଇ ଆଲୋଚନା କରିବାର

ସମ୍ଭାବନା ରହିଛି । ବାଣିଜ୍ୟ, ପୁଞ୍ଜିନିବେଶ, ଦକ୍ଷତା ବିକାଶ, ଭାଗିଦାରିତାରେ ଉନ୍ନତି ଏବଂ ଜନସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ସୁଦୃଢ଼ କରିବା ଉପରେ ଏହି ଗସ୍ତ ଗୁରୁତ୍ୱ ପ୍ରଦାନ କରିବ । ଏଶ୍ୱତିନିଠାରେ ଶ୍ରୀ ମାର୍ଗେରିଟା ପ୍ରବାସୀ ଭାରତୀୟମାନଙ୍କ ସହ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସହ ଭାରତର ବିକାଶ ଭାଗିଦାରିତାରେ ସେମାନଙ୍କର ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିବ ।

ଲେସୋଥୋଠାରେ ମନ୍ତ୍ରୀ ଶ୍ରୀ ମାର୍ଗେରିଟା ସେଠାକାର ରାଜା ଲେସି-ତୃତୀୟ ଏବଂ ପ୍ରଧାନମନ୍ତ୍ରୀ ସାମୁଏଲ୍ ମାଟେକାନେଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସେ ସେଠାକାର ବୈଦେଶିକ ମନ୍ତ୍ରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀମାନଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିବେ ।

ଦକ୍ଷିଣ ଆଫ୍ରିକାର କୁକୁଜାଠାରେ ଆସନ୍ତା ୨୪ ଓ ୨୫ ତାରିଖରେ ହେବାକୁ ଥିବା ଜି-୨୦ ମନ୍ତ୍ରୀସ୍ତରୀୟ ବୈଠକରେ ଶ୍ରୀ ମାର୍ଗେରିଟା ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ । ସେ ଦକ୍ଷିଣ ଆଫ୍ରିକା ମନ୍ତ୍ରୀମାନଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ପାକିସ୍ତାନ - ରେନ୍

ପାକିସ୍ତାନରେ ଜୁନ୍ ୨୬ ତାରିଖରୁ ଲାଗି ରହିଥିବା ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ୧୧୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୫୩ ଜଣ ଆହତ ହୋଇଛନ୍ତି । ପାକିସ୍ତାନର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଏନ୍.ଡି.ଏମ୍.ଏ. ପକ୍ଷରୁ କୁହାଯାଇଛି, ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାଜନିତ କାରଣରୁ ଆଉ ୫ ଜଣଙ୍କର ପ୍ରାଣହାନି ଘଟିଥିବାବେଳେ ୪୧ ଜଣ ଆହତ ହୋଇଛନ୍ତି । ପୂର୍ବ ପଞ୍ଜାବ ପ୍ରଦେଶରେ ସର୍ବାଧିକ ୪୪ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ଉତ୍ତର-ପଶ୍ଚିମ ଖାଇବର ପଖ୍ତୁନ୍‌ଖ୍ୱା ପ୍ରଦେଶରେ ୩୭, ଦକ୍ଷିଣ ସିନ୍ଧ୍ ପ୍ରଦେଶରେ ୧୮ ଏବଂ ଦକ୍ଷିଣ-ପଶ୍ଚିମ ବାଲୁଚିସ୍ତାନ ପ୍ରଦେଶରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ପଞ୍ଜାବ, ଖାଇବର ପଖ୍ତୁନ୍‌ଖ୍ୱା ଏବଂ ବାଲୁଚିସ୍ତାନ ପ୍ରଦେଶରେ ପାଣିପାଗ ବିଭାଗ ପକ୍ଷରୁ ବନ୍ୟା ସତର୍କ ସୂଚନା ଜାରି କରାଯାଇଛି ।

# ୱିମେନ୍ କ୍ରିକେଟ୍

ଇଂଲଣ୍ଡର ସାଉଥମ୍ପଟନ୍‌ଠାରେ ଚାଲିଥିବା ଅନ୍ତର୍ଜାତୀୟ ଏକଦିବସୀୟ ତିନିଟିକିଆ କ୍ରିକେଟ୍ ସିରିଜ୍‌ର ଆଜିକାର ପ୍ରଥମ ମ୍ୟାଚ୍ ଇଂଲଣ୍ଡ ମହିଳା ଦଳ

ଭାରତ ବିପକ୍ଷରେ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୨୪ ଓଭର୍‌ରେ ୪ ୱିକେଟ୍ ହରାଇ ୧୧୧ ରନ୍ ସଂଗ୍ରହ କରିଛି । ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ଆଗାମୀ ମହିଳା ଆନ୍ତର୍ଜାତିକ ଦିନିକିଆ ବିଶ୍ୱକପ୍ ପ୍ରତିଯୋଗିତା ପୂର୍ବରୁ ଉଭୟ ଦଳ ମଧ୍ୟରେ ଏହା ଏକ ପ୍ରସ୍ତୁତି ଭାବେ ବିବେଚନା କରାଯାଉଛି। ହର୍ମନ୍‌ପ୍ରୀତ୍ କୌରଙ୍କ ଅଧିନାୟକତ୍ୱରେ ଭାରତୀୟ ମହିଳା ଦଳ ଇଂଲଣ୍ଡ ବିରୁଦ୍ଧରେ ଟି-୨୦ କ୍ରିକେଟ୍ ସିରିଜ୍‌କୁ ୩-୨ରେ ଅକ୍ତିଆର କରିବା ପରେ ଆତ୍ମବିଶ୍ୱାସର ସହ ଦିନିକିଆ ସିରିଜ୍ ଖେଳୁଛି। ତିନିଟିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୯ ତାରିଖରେ ଲର୍ଡସ୍‌ଠାରେ ଏବଂ ତୃତୀୟମ୍ୟାଚ୍ ଚେଷ୍ଟରଲିଷ୍ଟ୍ରିଟ୍ ପଡ଼ିଆରେ ଖେଳାଯିବ।

*****